# ସୂଚନାପ୍ରାପ୍ତି ର ଅଧିକାର ସମ୍ବନ୍ଧରେ ସେମାନେ ଯାହା କୁହନ୍ତି.....

.............................................................................................

## ଏନ୍.ବିଠଲ୍, କେନ୍ଦ୍ରୀୟ ଭିଜିଲାନ୍ସ କମିଶନର୍ -

ଦୁର୍ନୀତିଗ୍ରସ୍ତ କର୍ମଚାରୀମାନଂକୁ ନିୟନ୍ତ୍ରଣ କରିବା ପାଇଁ ସାଧାରଣ ଲୋକମାନଙ୍କୁ କ୍ଷମତା ପ୍ରଦାନ ଏକ ପ୍ରକୃଷ୍ଟ ଉପାୟ । ଏଥିପାଇଁ ଖୁବ୍ ଶୀଘ୍ର ସୂଚନାର ସ୍ୱାଧିନତା ଆଇନ୍ ତିଆରି ହେବା ନିତାନ୍ତ ଜରୁରୀ । ଏ ଦିଗରେ ଅବଶ୍ୟ ଉଦ୍ୟମ ଆରମ୍ଭ ହୋଇଛି । ଯଥାଶୀଘ୍ର , ଏପରିକି ଦରକାର ପଡ଼ିଲେ ଅଧ୍ୟାଦେଶ ଜାରିକରି ଏହି ଆଇନ୍ କୁ ଚାଲୁ କରିବା ଦରକାର ।

## ମୁଖ୍ୟମନ୍ତ୍ରୀ ସମ୍ମିଳନୀ, ନୂଆଦିଲ୍ଲୀ ୨୪ ମେ ୧୯୯୭-

ଦୈନନ୍ଦିନ କାରବାରରେ ଗୋପନୀୟତା ଓ ଅସ୍ୱଚ୍ଛତା ସରକାରୀ କଳରେ ଘଟୁଥିବା ଦୁର୍ନୀତିର ମୁଖ୍ୟ କାରଣ । ଏହି ଚଳଣି ଏକ ଉତ୍ତରଦାୟୀ ଓ ଗଣତାନ୍ତ୍ରିକ ପ୍ରଶାସନର ମୌଳିକ ଭାବଧାରାର ପରିପନ୍ଥୀ । ଜାତୀୟ ନିରାପତ୍ତା ଭଳି କେତେକ ନିର୍ଦ୍ଦିଷ୍ଟ ବ୍ୟାପାରକୁ ବାଦଦେଇ ସରକାରଙ୍କ ସମସ୍ତ କାର୍ଯ୍ୟକଳାପ ଓ ନିଷ୍ପତ୍ତି ସମ୍ବନ୍ଧରେ ଜନସାଧାରଣ ସହଜରେ ସୂଚନା ହାସଲ କରିପାରିବାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଆଗାମୀ ୩ ମାସ ମଧ୍ୟରେ ପଦକ୍ଷେପ ନିଆଯିବ । ..........ସୂଚନାର ସ୍ୱାଧିନତା ବିଲ୍ ଆଣିବା ସହିତ ସରକାରୀ ଗୋପନୀୟତା ଆଇନ୍ ୧୯୨୩ ଏବଂ ଭାରତୀୟ ପ୍ରମାଣ ଆଇନ୍‌ର ନିର୍ଦ୍ଦିଷ୍ଟ ଧାରାଗୁଡିକର ସଂଶୋଧନ ପାଇଁ ୧୯୯୭ ମସିହା ଶେଷ ପୂର୍ବରୁ ପାର୍ଲାମେଣ୍ଟରେ ପ୍ରସ୍ତାବ ଆଗତ କରାଯିବ ।

## ସୁପ୍ରିମ୍ କୋର୍ଟ ୧୯୭୩-

କହିବାର ଓ ମତପ୍ରକାଶର ସ୍ୱାଧିନତା ଭିତରେ ହିଁ ସମସ୍ତ ନାଗରିକମାନଙ୍କର ପଢିବା ଓ ଜାଣିବାର ଅଧିକାର ନିହିତ ଅଛି ।

## ସୁପ୍ରିମ୍ କୋର୍ଟ , ୧୯୮୪

କହିବାର ଓ ମତପ୍ରକାଶ କରିବାର ସାମ୍ବିଧାନିକ ଅଧିକାର ପଛରେ ମୂଳ ଉଦ୍ଦେଶ୍ୟ ହେଉଛି, ସମସ୍ତ ନାଗରିକମାନେ ନିଜେ ନିଜେ ଚିନ୍ତା କରି ଯେ କୌଣସି ବିଷୟରେ ନିଜର ମତ ସ୍ଥିର କରିବେ ଏବଂ ପରସ୍ପର ମଧ୍ୟରେ ଫଳପ୍ରଦ ଭାବେ ମତ ବିନିମୟ କରିବାକୁ ସକ୍ଷମ ହେବେ । ସୁତରାଂ ଏଥିପାଇଁ ଲୋକମାନଙ୍କର ଜାଣିବାର ଅଧିକାର ହେଉଛି ଏକ ମୌଳିକ ଆବଶ୍ୟକତା ।

## ସୁପ୍ରିମ୍ କୋର୍ଟ ୧୯୮୯-

ଆମେ ମନେ ରଖିବା ଦରକାର , ଦେଶର ଶିଳ୍ପ, ଉନ୍ନୟନ ଓ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଫଳପ୍ରଦ ଭାବେ ଜନସାଧାରଣ ସେତେବେଳେ ଅଂଶଗ୍ରହଣ କରିପାରିବେ, ଯେତେବେଳେ ସେମାନଙ୍କର ଜାଣିବାର ଅଧିକାର ରହିବ। ଆମ ସମ୍ବିଧାନର ୨୧ ଧାରାରେ ବର୍ଣ୍ଣିତ ଅଧିକାରଗୁଡ଼ିକୁ ହାସଲ କରିବା ପାଇଁ ଜାଣିବାର ଅଧିକାର ଏକ ମୌଳିକ ଅଧିକାର ରୂପେ ବିବେଚିତ ହେବା ଦରକାର ।

## ସୁପ୍ରିମ୍ କୋର୍ଟ ୧୯୯୭

ଥାନା ହାଜତ ଓ ଜେଲ୍ ମଧ୍ୟରେ ଆସାମୀ ଓ କଏଦୀ ମାନଙ୍କ ଉପରେ ହେଉଥିବା ହିଂସା ଓ ନିର୍ଯ୍ୟାତନା ହେଉଛି 'ଆଇନ୍‌ର ଶାସନ'ର ପରିପନ୍ଥୀ । ସର୍ବସାଧାରଣଙ୍କ ସମ୍ମୁଖରେ ସମ୍ପୃକ୍ତ ଅଧିକାରୀ ମାନଙ୍କର କାର୍ଯ୍ୟକଳାପରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ହିଁ ଏହି ସମସ୍ୟାର ଦୁଇଟି ଫଳପ୍ରଦ ପ୍ରତିଷେଧକ ବୋଲି କୋର୍ଟ ମନେକରେ ।

## ପ୍ରେସ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆ, ୧୯୮୭-

ଲକ୍ଷ୍ୟ କରାଯାଇଛି ଯେ , ସରକାରୀ ଗୋପନୀୟତା ଆଇନ୍‌ର ଆଳ ଦେଖାଇ ସମ୍ପୃକ୍ତ ସରକାରୀ କର୍ତ୍ତୃପକ୍ଷ ମାନେ ଲୋକଙ୍କ ପାଇଁ ଜରୁରୀ ତଥ୍ୟ ଓ ସୂଚନା ସାମ୍ବାଦିକମାନଙ୍କୁ ଦେବାପାଇଁ ମନା କରିଥାନ୍ତି, ଯଦିଓ ଦେଖିବାକୁ ଗଲେ , ସେହିସବୁ ବ୍ୟାପାରରେ ସରକାରୀ ଗୋପନୀୟତା ଆଇନ୍ ପ୍ରୟୋଗ କରିବାର କୌଣସି ପ୍ରାସଙ୍ଗିକତା ନଥାଏ । ଏହାଦ୍ୱାରା ସାମ୍ବାଦିକମାନେ ଅଯଥାରେ ହଇରାଣ ହେବା ସହିତ ସମ୍ବାଦପତ୍ରର ସ୍ୱାଧିନତା ଅକାରଣରେ ଖର୍ବ ହୋଇଥାଏ । ..........ସୁତରାଂ ସୂଚନାପ୍ରାପ୍ତିପାଇଁ ସାମ୍ବାଦିକମାନଙ୍କର ଅଧିକାର ସକାଶେ ଆଇନ୍ ତିଆରି ହେବା ସହିତ ଏହି ଅଧିକାରର ଯଥାର୍ଥ ଉପଲବ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବା ଆବଶ୍ୟକ ।

## ଆର୍.ଏମ୍. ପାଲ୍ , ପିପୁଲ୍ସ ୟୁନିୟନ୍ ଫର୍ ସିଭିଲ୍ ଲିବର୍ଟିଜ୍ ( ପି.ୟୁ.ସି.ଏଲ୍. )-

ଆମର ସମ୍ବିଧାନର ଧାରା ୧୯ (୧) (ଏ) ରେ କୁହାଯାଇଛି ଯେ, ' ସମସ୍ତ ନାଗରିକଙ୍କର କହିବା ଓ ମତପ୍ରକାଶ କରିବାର ସ୍ୱାଧିନତା ରହିଛି । ' ସୁତରାଂ ଏହା ସ୍ୱାଭାବିକ ଯେ , ସମ୍ବିଧାନର ଉପରୋକ୍ତ ଧାରାମଧ୍ୟରେ ସୂଚନାର ସ୍ୱାଧିନତା ନିହିତ ଅଛି । ତେଣୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିପାରେ , ସୂଚନାର ସ୍ୱାଧିନତା ପାଇଁ ପୁଣି କାହିଁକି ଏକ ଅଲଗା ଆଇନ୍ ଦରକାର ? ଏହାର ଏକ ସହଜ ଉତ୍ତର ହେଲା , ଉପରୋକ୍ତ ମୌଳିକ ଅଧିକାରଗୁଡିକ ସପକ୍ଷରେ ସାମ୍ବିଧାନିକ ବିଧିବ୍ୟବସ୍ଥା ଥିଲେ ମଧ୍ୟ ସ୍ୱାଧିନତା ଓ ଗଣତାନ୍ତ୍ରିକ ଅଧିକାର ତଥା ଚାଲିଚଳନକୁ ମର୍ଯ୍ୟାଦା ମିଳୁଥିବା ଏକ ସାଂସ୍କୃତିକ ବାତାବରଣ ଆମେ ସୃଷ୍ଟି କରିପାରିନାହୁଁ । ........ ସୂଚନାପ୍ରାପ୍ତିର ଅଧିକାର, ଯାହାକି ମୂଳତଃ ଏକ ମାନବିକ ଅଧିକାର, ତହିଁର ହାସଲ ପାଇଁ ଗୋଟିଏ ଆଇନ୍ ଗଢ଼ିବାର ଅର୍ଥ ହେଉଛି ଏକ ନୂଆ ସଂସ୍କୃତିକୁ ଗଢ଼ି ତୋଳିବା ।

*ମିଳିତ ଜାତିସଂଘ ସାଧାରଣ ଅଧିବେଶନ ପ୍ରସ୍ତାବ ୫୯ (୧) -୧୯୪୬-*

ସୂଚନାର ସ୍ୱାଧିନତା ଏକ ମୌଳିକ ମାନବିକ ଅଧିକାର ଏବଂ ଅନ୍ୟ ସମସ୍ତ ସ୍ୱାଧିନତାର କଷଟି ପଥର ।

*ମିଳିତ ଜାତିସଂଘ ସାଧାରଣ ଅଧିବେଶନ : ମାନବିକ ଅଧିକାର ସଂବନ୍ଧରେ ବିଶ୍ୱ ଘୋଷଣା ନାମା ୧୯୪୮*

ଧାରା ୧୯- ପ୍ରତିବ୍ୟକ୍ତିର ମତ ପୋଷଣ କରିବା ଓ ମତ ପ୍ରକାଶ କରିବାର ଅଧିକାର ରହିଛି । ଏହି ଅଧିକାର ର ପରିସର ମଧ୍ୟରେ ଅବାଧରେ ମତ ପୋଷଣ କରିବା ଏବଂ ସୂଚନା ଓ ଚିନ୍ତାର ଅନ୍ୱେଷଣ କରିବା ତଥା ପାଇବାର ଅଧିକାର ଏବଂ ଏଗୁଡିକୁ ଯେ କୌଣସି ମାଧ୍ୟମରେ ପ୍ରକାଶ କରିବାର ଅଧିକାର ନିହିତ ଅଛି ।

*ମିଳିତ ଜାତିସଂଘ ମାନବିକ ଅଧିକାର କମିଶନ ୧୯୯୫-*

ସୂଚନା ସଂଗ୍ରହ କରିବା ଏବଂ ହାସଲ କରିବାର ଅଧିକାର ମତ ପୋଷଣ ଓ ପ୍ରକାଶ କରିବାର ସ୍ୱାଧିନତାର ଏକ ମୌଳିକ ଅଂଶବିଶେଷ ।

*ଆବିଦ୍ ହୁସେନ୍, ସଂଯୋଜକ, ମିଳିତ ଜାତିସଂଘ ମାନବ ଅଧିକାର କମିଶନ-*

ବର୍ତ୍ତମାନ ବହୁ ରାଷ୍ଟ୍ରର ସରକାର ଜନସାଧାରଣଙ୍କ ପାଖରୁ ବିଭିନ୍ନ ତଥ୍ୟ ଗୋପନୀୟ ରଖିବାର ଲକ୍ଷ୍ୟ କରାଯାଉଛି । ଏହି ପ୍ରବଣତାକୁ ଦୃଢ଼ଭାବେ ରୋକିବାକୁହେବ ।

*ଆବିଦ୍ ହୁସେନ୍, ସଂଯୋଜକ , ମିଳିତ ଜାତିସଂଘ ମାନବ ଅଧିକାର କମିଶନ-ବାର୍ଷିକ ରିପୋର୍ଟ୧୯୯୮-*

ନାଗରିକ ମାନଙ୍କର ସୂଚନା ଚାହିଁବା, ପାଇବା, ତଥା ପ୍ରକାଶ କରିବାର ଅଧିକାର ରାଷ୍ଟ୍ର ମାନଙ୍କ ଉପରେ ଏକ ସ୍ୱତନ୍ତ୍ର ଦାୟିତ୍ୱ ନ୍ୟସ୍ତ କରିଛି, ତାହା ହେଲା ଯେତେ ସବୁ ଉପାୟରେ ସରକାର ସୂଚନାର ସଂଗ୍ରହ, ସଂକଳନ ଓ ପ୍ରସାରଣ କରୁଛନ୍ତି,ସେଗୁଡିକ ମାଧ୍ୟମରେ ଜନସାଧାରଣଙ୍କୁ ସୂଚନା ହାସଲ କରିବାରେ ସାହାଯ୍ୟ କରିବା ।

*ମିଳିତ ଜାତିସଂଘ ମାନବ ଅଧିକାର କମିଶନ ମିଳିତ ଘୋଷଣା ନାମା- ୧୯୯୯*

ନାଗରିକମାନଙ୍କର ସୂଚନା ପାଇବାର ଅଧିକାର ଏବଂ ନିଜ ଦେଶର ସରକାର ସେମାନଙ୍କ ତରଫରୁ ସେମାନଙ୍କ ପାଇଁ କଣ କରୁଛନ୍ତି , ତାହା ଜାଣିବାର ଅଧିକାର ମତ ପ୍ରକାଶର ସ୍ୱାଧିନତା ମଧ୍ୟରେ ହିଁ ନିହିତ ଅଛି । ଏହି ଅଧିକାର ବିନା ସତ୍ୟ ହିଁ କ୍ଷତିଗ୍ରସ୍ତ ହେବ ଏବଂ ପ୍ରଶାସନରେ ଲୋକମାନଙ୍କର ଅଂଶଗ୍ରହଣ ସଂକୁଚିତ ହୋଇଯିବ ।

*ମିଳିତ ଜାତିସଂଘ ମାନବ ଅଧିକାର କମିଶନ ବାର୍ଷିକ ବିବରଣୀ ୨୦୦୦-*

ସୂଚନାର ସ୍ୱାଧିନତା ଗଣତନ୍ତ୍ର ଓ ସ୍ୱାଧିନତା ପାଇଁ କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ , ବରଂ ଲୋକମାନଙ୍କର ଉନ୍ନୟନରେ ଅଂଶଗ୍ରହଣ କରିବାର ଅଧିକାର ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଯେଉଁ ତଥ୍ୟ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ, ସେଗୁଡିକୁ ସରକାର ଏବଂ ସରକାରୀ ଦପ୍ତର ସମୂହ ଲୋକମାନଙ୍କ ଠାରୁ ଲୁଚାଇ ରଖିବାର ପ୍ରବଣତା ଦୁର୍ଭାଗ୍ୟଜନକ ।

## ନ୍ୟାୟମୂର୍ତ୍ତି ଶ୍ରୀ ଭି. ଆର୍. କ୍ରିଷ୍ଣାଆୟାର, ପୂର୍ବତନ ମୁଖ୍ୟ ବିଚାରପତି, ସୁପ୍ରିମ୍‌କୋର୍ଟ

ଭାରତୀୟ ଗଣତନ୍ତ୍ର ପାଇଁ ସରକାରୀ ଗୋପନୀୟତା ଆଇନ୍‌ର ପ୍ରତ୍ୟାହାର ଅତୀବ ଜରୁରୀ । ବ୍ରିଟିଶ୍ ଶାସକମାନଙ୍କ ଦ୍ୱାରା ପ୍ରଣୀତ ଏହି ଆଇନ୍‌ର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଲୋକମାନେ ଦୃଢଭାବେ ଦାବୀ କରିବା ଆବଶ୍ୟକ । ............ ସମସ୍ତ ଦୁର୍ନୀତିର ଅବସାନ ହୋଇ ପାରିବ , ଯଦି ସୂଚନାର ସ୍ୱାଧିନତା ଥାଏ । ............ ଶାସନ କିପରି ଚାଲିଛି , ତାହା ଜାଣିବାର ଅଧିକାର ପ୍ରତି ବ୍ୟକ୍ତିର ଅଛି । ଜନସ୍ୱାର୍ଥ ସହିତ ଜଡିତ ସମସ୍ତ ତଥ୍ୟ ଲୋକମାନଙ୍କୁ ଏବଂ ଗଣମାଧ୍ୟମକୁ ସରକାର ଅବାଧରେ ଯୋଗାଇଦେବା ଦରକାର । ............ ପ୍ରଶାସନିକ ସ୍ୱଚ୍ଛତା ଛଡା ଗଣତନ୍ତ୍ର ମୃତ । ସେହି ସରକାରର ଶାସନ ସବୁଠୁ ଭଲ, ଯିଏ ଲୋକଙ୍କ ଠାରୁ ସବୁଠୁ କମ୍ ଗୋପନୀୟତା ରକ୍ଷା କରେ ।

## ଶ୍ରୀ କୁଲ୍‌ଦୀପ ନାୟାର୍ , ସାଂସଦ ଏବଂ ସାମ୍ବାଦିକ

ମୁକ୍ତ ବାୟୁ ଏବଂ ପାନୀୟ ଜଳ ଭଳି ଜାଣିବାର ଅଧିକାର ଏକ ମୌଳିକ ଆବଶ୍ୟକତା, ଯାହା କି , ଧର୍ମନିରପେକ୍ଷତା ଭଳି ଆମ ସମ୍ବିଧାନର ମୌଳିକ ଗଠନଢାଞ୍ଚାର ଅପରିହାର୍ଯ୍ୟ ଅଂଶବିଶେଷ ବୋଲି ଘୋଷିତ ହେବା ବିଧେୟ ।

## ସୋଲି ସୋରାବ୍‌ଜୀ , ଆଟର୍ନି ଜେନେରାଲ୍ ଅଫ୍ ଇଣ୍ଡିଆ

ଜାତୀୟ ନିରାପତ୍ତା ଓ ଆଇନ୍ ଶୃଙ୍ଖଳାର ଆଢ଼ରେ ଲୋକ ମାନଙ୍କଠାରୁ ବିଭିନ୍ନ ତଥ୍ୟକୁ ଗୋପନୀୟ ରଖିବା ଓ ମତପ୍ରକାଶ କରିବାର ଅଧିକାରକୁ ସଙ୍କୁଚିତ କରିବା ଆମର ସରକାରୀ ପ୍ରଶାସନର ଏକ ଦୁରଭ୍ୟାସରେ ପରିଣତ ହୋଇଯାଇଛି । ........... ଅଭିଜ୍ଞତାରୁ ଜଣାପଡେ ଯେ , ପ୍ରଶାସନର ଏହି ସବୁ ଆଳ କେତେକ କ୍ଷେତ୍ରରେ ଅତିରଞ୍ଜିତ ତ, ଆଉ କେତେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭିତ୍ତିହୀନ । ବାସ୍ତବ କ୍ଷେତ୍ରରେ ଶାସକମାନଙ୍କ ଦୃଷ୍ଟିରେ ରାଷ୍ଟ୍ରୀୟ ସ୍ୱାର୍ଥ ଓ କ୍ଷମତାସୀନ ନେତୃମଣ୍ଡଳୀର ସ୍ୱାର୍ଥ ଏକ ଏବଂ ଅଭିନ୍ନ ବୋଲି ବିବେଚିତ ହୋଇଥାଏ । ୧୯୭୫ ରେ ଇନ୍ଦିରା ଗାନ୍ଧୀ ଅବାଂଛିତ ଜରୁରୀ ପରିସ୍ଥିତି ଜାରିକରି ଏହି ସତ୍ୟ ସାବ୍ୟସ୍ତ କରି ଯାଇଛନ୍ତି । ........... ଆଜିକାଲି ଦୁନିଆରେ ତଥ୍ୟ ହିଁ କ୍ଷମତା , ସେଇଥିପାଇଁ ସରକାରୀ କର୍ତ୍ତୃପକ୍ଷ , ବ୍ୟବସାୟୀ ଓ ଅନ୍ୟାନ୍ୟ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ମାନେ ସେମାନଙ୍କର ସଙ୍କୀର୍ଣ୍ଣ ସ୍ୱାର୍ଥ ପାଇଁ ତଥ୍ୟକୁ ଗୋପନୀୟ, ବିକୃତ ଓ ଓଲଟ ପାଲଟ କରିଥା'ନ୍ତି ।

## ସେଣ୍ଟର୍ ଫର୍ ସାଇନ୍ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ , ନୂଆଦିଲ୍ଲୀ

ବିଶିଷ୍ଟ ସମାଜସେବୀ ଆନା ହଜାରେଙ୍କୁ କରାଯାଇଥିବା ଦଣ୍ଡ ବିଧାନ ଘଟଣା ସାରାଦେଶ ଆଗରେ ତାତ୍ପର୍ଯ୍ୟପୂର୍ଣ୍ଣ ( ହଜାରେ ମହାରାଷ୍ଟ୍ରର ଜନୈକ ମନ୍ତ୍ରୀଙ୍କ ଦୁର୍ନୀତି ବିରୁଦ୍ଧରେ ଅଭିଯୋଗ କରି ସମ୍ପୂର୍ଣ୍ଣ ପ୍ରମାଣ ଦେଇ ନପାରିବାରୁ ବମେ ମେଟ୍ରୋପଲିଟାନ୍ କୋର୍ଟ ଦ୍ୱାରା ୩ ମାସର ଜେଲ୍ ଦଣ୍ଡ ପାଇଥିଲେ । ତାଙ୍କୁ ପୁଣି କୋର୍ଟ ବାଧ୍ୟ କରୁଥିଲେ ଯେ, ସେ ଲେଖି ଦିଅନ୍ତୁ ଯେ ସେ ( ଆନା ) ୨ ବର୍ଷ ଧରି କାହା ବିରୁଦ୍ଧରେ କିଛି କହି ପାରିବେନି । କିନ୍ତୁ ଆନା ଏପରି ଲେଖିଦେବାକୁ ମନା କରିଥିଲେ । ) ................ ସରକାରୀ ଗୋପନୀୟତା ଆଇନ୍ ବଳବତ୍ତର ଥିବାରୁ ଜଣେ ସାଧାରଣ ବ୍ୟକ୍ତି ସରକାରୀ ଫାଇଲ୍‌ର ତଥ୍ୟ ପାଇ ପାରିବ ନାହିଁ , ତେଣୁ ସେହି ବ୍ୟକ୍ତି ପକ୍ଷେ ଜଣେ ସରକାରୀ ପଦାଧିକାରୀ ବିରୁଦ୍ଧରେ ଅଣା ହୋଇଥିବା କୌଣସି ଅଭିଯୋଗ ପ୍ରମାଣ କରିବା ଏକ ଦୁରୁହ ବ୍ୟାପାର ।

*ମଧୁକିଶୋର , ସମ୍ପାଦିକା ମାନୁଷୀ-*

ସରକାରୀ ଗୋପନୀୟତା ଆଇନ୍‌ର ଆଳରେ ଆମର ଐତିହାସିକ ଓ ସମାଜବିଜ୍ଞାନୀ ମାନଙ୍କୁ ଔପନିବେଶିକ ଅମଳର ଅସଂଖ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ୍ ସମ୍ବନ୍ଧରେ ଜାଣିବାକୁ ସୁଯୋଗ ଦିଆଯାଉନାହିଁ । ଏହା ସତ୍ତ୍ୱେ ଆମର ବିଶ୍ୱବିଦ୍ୟାଳୟ ଓ ଗବେଷଣା ଅନୁଷ୍ଠାନମାନେ ଏହି ସ୍ଥିତି ବିରୁଦ୍ଧରେ ପ୍ରତିବାଦର ଆନ୍ଦୋଳନ କରିନାହାନ୍ତି । ପୁନଶ୍ଚ ଏକ ସ୍ୱାଧୀନ ପ୍ରେସ୍ ଓ ସଜୀବ ଗଣତନ୍ତ୍ର ପାଇଁ ମୌଳିକ ଭାବେ ଆବଶ୍ୟକ ହେଉଥିବା ସୂଚନାପ୍ରାପ୍ତିର ଅଧିକାର ହାସଲ କରିବା ସକାଶେ କୌଣସି ସାମ୍ବାଦିକ ସଂଗଠନ ବା ଖବର କାଗଜର ସମ୍ପାଦକମାନେ ମଧ୍ୟ ଏଯାବତ୍ ଦୃଢ଼ସଂକଳ୍ପର ସହ କୌଣସି ଆଖିଦୃଶିଆ ଆନ୍ଦୋଳନ କରିନାହାନ୍ତି । ଏହାଛଡ଼ା ସମସ୍ତେ ଜାଣନ୍ତି ଯେ, ସରକାରୀ ଗୋପନୀୟତା ଆଇନ୍‌କୁ ମୂଳତଃ ଗୋଟିଏ ଅସାଧୁ ଉଦ୍ଦେଶ୍ୟ ପାଇଁ ବ୍ୟବହାର କରା ହୋଇଆସୁଛ, ତାହା ହେଲ, ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ ଥିବା ଦୁର୍ନୀତି , ପ୍ରାୟାପ୍ରୀତିତୋଷଣ ଏବଂ ଅପାରଗତାକୁ ଘଣ୍ଟ ଘୋଡାଇବା ।

*ବଙ୍କର ରାୟ , ନିର୍ଦ୍ଦେଶକ, ବେୟାର ଫୁଟ୍ କଲେଜ୍, ତିଲୋନିୟା, ରାଜସ୍ଥାନ -*

ସ୍ଥାନୀୟସ୍ତରରେ ନିଯୁକ୍ତ ସରକାରୀ କର୍ମଚାରୀମାନଙ୍କର ନିତିଦିନିଆ ଆଚରଣରେ ଟିକେହେଲେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ନଥାଏ , ଯଦିଓ ଏହି ସ୍ତରରେ ହିଁ ଏହା ଅତୀବ ଜରୁରୀ । ଗରୀବ ଗ୍ରାମବାସୀମାନେ ସବୁଠୁଁ ତଳିଆ ସରକାରୀ କର୍ମଚାରୀଙ୍କୁ ମଧ୍ୟ ପଚାରିବାକୁ ସାହାସ କରନ୍ତି ନାହିଁ , କେତେ ଟଙ୍କା ତାଙ୍କ ଗ୍ରାମପାଇଁ ଆସିଛି ଓ ଖର୍ଚ୍ଚ ହୋଇଛି । ସରକାରଙ୍କ ଦ୍ୱାରା ହେଉଥିବା ଖର୍ଚ୍ଚର ହିସାବ ବିଷୟରେ ପଚାରିବାର ଅଧିକାର ସେମାନଙ୍କୁ ଦିଆଯାଇନାହିଁ । ଏହି କାରଣରୁ ହିଁ ତଳ ସ୍ତରରୁ ଦୁର୍ନୀତି ଆରମ୍ଭ ହୋଇଥାଏ । ଲକ୍ଷ ଲକ୍ଷ ଟଙ୍କାର ଜାଲ୍ ବିଲ୍ ଓ ରସିଦ୍ ତିଆରି କରି ସରକାରୀ କର୍ମଚାରୀ ମାନେ ଲୋକଙ୍କ ପାଇଁ ଆସୁଥିବା ଅର୍ଥକୁ ହରିଲୁଟ୍ କରିଥାନ୍ତି ।

*ହରି ସିଂ ଗୌର , କେନ୍ଦ୍ରୀୟ ଆଇନ୍ ପରିଷଦ ସଭ୍ୟ , ୧୯୨୩*

ସରକାରୀ ଗୋପନୀୟତା ଆଇନ୍‌ର ପରିସର ଏତେ ବ୍ୟାପକ ଯେ , ଯେ କୌଣସି ବ୍ୟକ୍ତିକୁ ଛୋଟିଆ ଛୋଟିଆ କାରଣରୁ ଜଣେ ପ୍ରଶାସନିକ ଅଧିକାରୀ ହଇରାଣରେ ପକାଇ ଦେଇପାରେ । ଜଣେ ବ୍ୟକ୍ତି ଗୋଟିଏ ସରକାରୀ ଅଫିସକୁ କୌଣସି ଏକ ମାମୁଲି ତଥ୍ୟ ପାଇଁ ଯାଇପାରେ , ଯଥା, ଗୋଟିଏ କମିଟିର ପରବର୍ତ୍ତୀ ବୈଠକ କେବେ ବସୁଛି , ଜନଗଣନାର ସମସ୍ତ ରିପୋର୍ଟ ପ୍ରକାଶ ପାଇଲାଣି କି , କିମ୍ବା ନୂତନ ଜନଗଣନା ଅନୁଯାୟୀ ଭାରତର ମୋଟ ଜନସଂଖ୍ୟା କେତେ ଇତ୍ୟାଦି , ଇତ୍ୟାଦି । କିନ୍ତୁ ଜଣେ ଅଫିସର୍ ଚାହିଁଲେ ଏହି ମାମୁଲି ତଥ୍ୟ ପାଇବା ଆଶାରେ ତାଙ୍କ ଦପ୍ତରକୁ ଆସିଥିବା ବ୍ୟକ୍ତିଜଣକୁ ଆଇନ୍‌ର ଦୁହି ଦେଇ ଦଣ୍ଡିତ କରି ଦେଇପାରେ ।

ଚିତ୍ତ ରଂଜନ ବେହେରା
ଜୁବୁଲି ଟାୱାର, ଚୌଧୁରୀ ବଜାର, କଟକ-୯ , ଓଡ଼ିଶା
ଫୋନ୍ – ୦୬୭୧-୬୨୩୫୧୮ Email : chittabehera@rediffmail.com
Chitta Ranjan Behera
4A , Jubilee Tower, Choudhury Bazar,
CUTTACK-753 009, ORISSA
Phone: 0671-623518 Email: chittabehera@rediffmail.com